**NEW PAPER:** Samaja

**DATE:** 06.06.2018

**PAGE:** 14

ସମାଜ
The Samaja

# ମାନବ ସମ୍ବଳ ପରିଚାଳନା ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର, ୫।୬: ଏସିଆନ ସ୍କୁଲ ଅଫ୍ ବିଜ୍‌ନେସ୍ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍)ର ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ୍ ପଟ୍ଟନାୟକଙ୍କ ଦ୍ୱାରା ରଚିତ ମାନବ ସମ୍ବଳ ପରିଚାଳନା ପୁସ୍ତକକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରିଛନ୍ତି । ଆଇଆଇଏମ୍ ଲକ୍ଷ୍ନୌ ଏବଂ ଇନ୍ଦୋରର ପୂର୍ବତନ ପ୍ରଫେସର ଶ୍ରୀ ପଟ୍ଟନାୟକ ମାନବ ସମ୍ବଳ ପରିଚାଳନା ପାଇଁ ଅନ୍ତର୍ଜାତୀୟସ୍ତରରେ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି । ଶ୍ରୀ ପଟ୍ଟନାୟକଙ୍କ ମତରେ ଯେକୌଣସି ଉଦ୍ୟୋଗ ପାଇଁ ମାନବ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମ୍ବଳ । ସେହିଦୃଷ୍ଟିରୁ ମାନବ ସମ୍ବଳର ଉପଯୁକ୍ତ ପରିଚାଳନା ଯେକୌଣସି ଉଦ୍ୟୋଗର ସଫଳତା ନିମନ୍ତେ ସବୁଠାରୁ ଜରୁରୀ । ମୁଖ୍ୟମନ୍ତ୍ରୀ ଏହି ପୁସ୍ତକ ପାଇଁ ଶ୍ରୀ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଥିଲେ । ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ଗବେଷଣା ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ । ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ଏହି ପୁସ୍ତକ ବେଶ ଉପାଦେୟ ହେବା ସହ ଛାତ୍ର ଏବଂ ପ୍ରଫେସନାଲଙ୍କ ପାଇଁ ଲାଭଦାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।